Chapter- 4

# ହଇଓ ସମୁଦି

## STUDY NOTES

**୧. ଗପରୁ କୁହ ।**

କ) ହନୁ ବଇଦ ଖଟରେ ଶୋଇ କାହା କଥା ମନେ ପକାଇଲା ?

ଉ: ହନୁ ବଇଦ ଖଟରେ ଶୋଇ ସମୁଦି ଗଧିଆଙ୍କ କଥା ମନେ ପକାଇଲା ।

ଖ) ଗଧିଆକୁ କାହିଁକି ଜ୍ୱର ହେଲା ?

ଉ: ବିଲେଇନାନୀ ଦୋକାନରୁ ବାସି ମିଠା, ସିଙ୍ଗଡ଼ା ଓ ଆଳୁଚପ ଖାଇ ଗଧିଆକୁ ଝାଡ଼ା ଓ ଜ୍ୱର ହେଲା ।

ଗ) ହନୁ ବଇଦ ଗଧିଆକୁ କି ଉପଦେଶ ଦେଲା ?

ଉ: ହନୁବଇଦ ଗଧିଆକୁ ଉପଦେଶ ଦେଇ କହିଲା– 'ସମୁଦି ପଚାସଢ଼ା ଓ ବାସି ଖାଇବା ଜିନିଷ କେବେ ଖାଇବ ନାହିଁ । ଭୋକରେ ପଛେ ଜୀବନ ଚାଲିଯାଉ । ସେପରି ଦରବ କେବେ ଖାଇବ ନାହିଁ ।'

ODM EDUCATIONAL GROUP
Changing your Tomorrow

୨. ପାଠରୁ ଖୋଜି ବାହାର କର ଓ ତା' ଚାରିପଟେ ଗୋଲ ବୁଲାଅ ।

ଜ୍ୱ– ଜ୍ୱର, ଦ୍ୱା– ଦ୍ୱାର

ସ୍ୱ– ସ୍ୱର,

ଶ୍ୱା– ଶ୍ୱାସ, ଆଶ୍ୱାସନା, ବିଶ୍ୱାସ

୩. ଶବ୍ଦ ଗଢ଼ ଓ ଠିକ୍ ଉଚ୍ଚାରଣ କରି ପଢ଼ ।

ଯଥା– ବି**ଶ୍ୱ**, ଅ**ଶ୍ୱ**, ଇ**ଶ୍ୱ**ର, ବି**ଶ୍ୱା**ସ

୪. 'ବିଶ୍ୱ' ଶବ୍ଦରେ ଯେପରି 'ଶ' ତଳେ ('ୱ'-ଓ୍ୱ ଫଳା) ଲାଗିଛି। ସେପରି 'ୱ' ଫଳା ଲଗାଇ ଶବ୍ଦ ଲେଖ।

ଶ୍ୱାସ      ଆଶ୍ୱାସନା      ବିଶ୍ୱାସ

୫. ଠିକ୍ ଜାଗାରେ 'ୱ' ଫଳା ଲଗାଇ ଗୀତଟିକୁ ପଢ଼ ଓ ଲେଖ।

ଉ: ଦ୍ୱାର ଦ୍ୱାର ବୁଲି ହାଲିଆ ହେଲିଣି
ନିଃଶ୍ୱାସ ବହୁଛି ଖର
ମଧୁର ସ୍ୱରରେ କିପରି ଗାଇବି
ଦେହରେ ରହିଛି ଜ୍ୱର।

୬. କ୍ରମରେ ଲେଖ।

ଶ୍ୱାସ ରୋଗ ଥିଲା।
ପେଟ ଖରାପ ହେଲା।
ଔଷଧ ଖାଇଲା।
ଦ୍ୱାର ଠକ୍ ଠକ୍ ହେଲା।
ସମୁଦି ଘରକୁ ଗଲା।

**ଉ:** ସମୁଦି ଘରକୁ ଗଲା।
ଦ୍ୱାର ଠକ୍ ଠକ୍ ହେଲା।
ପେଟ ଖରାପ ହେଲା।
ଶ୍ୱାସ ରୋଗ ଥିଲା।
ଔଷଧ ଖାଇଲା।

୭. ବିଲେଇନାନୀ ଦୋକାନରେ କି କି ଜିନିଷ ମିଳୁଥିଲା ?

ଉ: ବିଲେଇନାନୀ ଦୋକାନରେ ମିଠା, ସିଙ୍ଗଡ଼ା ଓ ଆଳୁଚପ୍ ମିଳୁଥିଲା।

୮. ତୁମ ଘର ପାଖରେ କେଉଁସବୁ ଦୋକାନ ଅଛି, ତା'ର ତାଲିକା କର।

ଉ: ମିଠା ଦୋକାନ, ପାନ ଦୋକାନ, ଔଷଧ ଦୋକାନ

୯. କେତୋଟି ଖାଦ୍ୟର ନାମଲେଖି ସେଗୁଡ଼ିକ କିପରି ଖରାପ ହୋଇଯାଏ ଲେଖ।

ଯେପରି- ଭାତ ଅଧିକ ଦିନ ରହିଲେ ବାସି ହୋଇଯାଏ।

ପାଉଁରୁଟି ଖୋଲାରେ ରଖିଲେ ଖଟା ବାସନା ହୁଏ।

କ) ଦହି ବାହାରେ ଅଧିକ ଦିନ ରଖିଲେ ଖଟା ବାସନା ହୁଏ।

ଖ) ଡାଲି ବାହାରେ ଖୋଲାରେ ରଖିଲେ ବାସି ହୋଇଯାଏ।

ଗ) ମିଠା ଖୋଲାରେ ଅଧିକ ଦିନ ରଖିଲେ ଖଟା ବାସନା ହୁଏ।

ଘ) କ୍ଷୀର ଅଧିକ ଦିନ ରଖିଲେ ଖଟା ବାସନା ହୁଏ।

ଙ) କ୍ଷିରୀ ବାହାରେ ରଖିଲେ ଖଟା ବାସନା ହୁଏ।

୧୦. ବାସି ଖାଇବା ପାଇଁ ଚାହୁଁନାହଁ। ସେଥିପାଇଁ ତୁମେ କ'ଣ କରିବ ?

ଉ: ଯେତିକି ଆବଶ୍ୟକ ସେତିକି ପରିମାଣରେ ରୋଷେଇ କରି ଖାଇବ।

୧୧. ବଜାରରେ ବିକ୍ରି ହେଉଥିବା କେଉଁସବୁ ଜିନିଷରେ ମାଛି ବସେ, ସେଗୁଡ଼ିକର ନାମ ଲେଖ।

ମିଠା ଜିନିଷ, ବାସି ବରା, ପଚାସଡ଼ା ଫଳ, ପଚାସଡ଼ା ପରିବା, ବାସି ପଚାସଡ଼ା ମାଛ

୧୨. ପଚାସଡ଼ା ଜିନିଷ ଖାଇଲେ ତୁମକୁ କେଉଁସବୁ ରୋଗ ହେବ ?

ଉ: ଝାଡ଼ା, ବାନ୍ତି, ପେଟଖରାପ

ODM EDUCATIONAL GROUP Changing your Tomorrow